# <u>ଦୂର ଦର୍ଶନ ମାଧ୍ୟମରେ ଶିକ୍ଷାଦାନ କାର୍ଯ୍ୟକ୍ରମ-ଶିକ୍ଷା ଦର୍ପଣ</u>

କୋଭିଡ୍ ମହାମାରୀ ସମୟରେ ବିଦ୍ୟାଳୟ ଗୁଡିକରେ ସ୍ୱାଭାବିକ ଶିକ୍ଷାଦାନ ବନ୍ଦ ଥିବାରୁ ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ବିକଳ୍ପ ଶିକ୍ଷା ଦାନ ବ୍ୟବସ୍ଥା ମଧ୍ୟରେ ଦୂର ଦର୍ଶନ ମାଧ୍ୟମରେ ଶିକ୍ଷାଦାନ କାର୍ଯ୍ୟକ୍ରମ **"ଶିକ୍ଷା ଦର୍ପଣ"** ଅନ୍ୟତମ ।

**ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ନିମ୍ନରେ ଦିଆଗଲା:**

- ତା ୨୧.୦୬.୨୦୨୧ ରିଖ ଠାରୁ ଦୂର ଦର୍ଶନ ( DD Odia ) ମାଧ୍ୟମରେ ନବମ ଓ ଦଶମ ଶ୍ରେଣୀ ର ଛାତ୍ର ଛାତ୍ରୀ ଙ୍କ ନିମନ୍ତେ ପାଠ୍ୟ ଦାନ କାର୍ଯ୍ୟକ୍ରମ ଆରମ୍ଭ ହେଉଛି ।
- ନବମ ଓ ଦଶମ ଶ୍ରେଣୀ ଶିକ୍ଷାଦାନ VIDEO ଗୁଡିକର ପ୍ରସାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରି ଜିଲ୍ଲା ମାନଙ୍କୁ ପଠା ଯାଇଛି ଓ ଛାତ୍ର ଛାତ୍ରୀ ଙ୍କ ଅବଗତି ନିମନ୍ତେ ପଦକ୍ଷେପ ନେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।
- **VIDEO** ପ୍ରସାରଣ ର ସମୟ ନିର୍ଘଣ୍ଟ ଓସେପା ୱେବ ସାଇଟ **(www.osepa.odisha.gov.in)** ରେ ମଧ୍ୟ ଉପଲବ୍ଧ ଅଛି ।
- **Routine** ଅନୁସାରେ ସୋମବାର ରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୩ ଟା ରୁ ୪ ଟା ପର୍ଯ୍ୟନ୍ତ ଦଶମ ଶ୍ରେଣୀ ଓ ଅପରାହ୍ନ ୪ଟା ରୁ ୫ ଟା ପର୍ଯ୍ୟନ୍ତ ନବମ ଶ୍ରେଣୀ ନିମନ୍ତେ ଶିକ୍ଷା ଦାନ Video ପ୍ରସାରଣ ହେବ ।
- ନବମ ଶ୍ରେଣୀ ନିମନ୍ତେ ବହିର ବିଷୟ ଅନୁସାରେ ପାଠ ପଢାଯିବ । ଦଶମ ଶ୍ରେଣୀ ର ଯେଉଁ ବିଷୟଓ ଅଧ୍ୟାୟ ଗୁଡିକରେ ପୂର୍ବ ଶ୍ରେଣୀ (ନବମ) ର ଶିକ୍ଷଣ ଦକ୍ଷତା ର ସମ୍ପୃକ୍ତି ରହିଛି ସେହି ସ୍ଥଳରେ ପ୍ରଥମେ ନବମ ଶ୍ରେଣୀ ର ସମ୍ପୃକ୍ତ ଅଧ୍ୟାୟ ର (ପୁନରାବୃତ୍ତି ପାଇଁ) ଶିକ୍ଷା ଦାନ Video ପ୍ରସାରଣ ହେବ ଓ ତାପରେ ଦଶମ ଶ୍ରେଣୀ ର ଅଧ୍ୟାୟ ର ଶିକ୍ଷା ଦାନ Video ପ୍ରସାରଣ ହେବ।
- ପିଲାମାନେ ଠିକ ସମୟରେ ଶିକ୍ଷା ଦାନ Video ପ୍ରସାରଣ କୁ କିପରି ଦେଖିବେ ତାହା ସୁନିଶ୍ଚିତ କରିବା ପାଇଁ ଅଭିଭାବକ ମାନଙ୍କୁ ନିବେଦନ ।